

# ତାଙ୍କ ପୃଥିବୀ


ଅଭୈୟାର୍

ଚିତ୍ର : ମୁରଲୀ ନାଗାପୁଜା

ଗୀତା ଧର୍ମରାଜନଙ୍କ ଦ୍ଵାରା
ତାମିଲରୁ ଅନୁଦିତ


I LOVE READING

କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି



ପ୍ରିୟ ପୃଥିବୀ!



ସବୁଜ ଭୂମି
ବା ଜଙ୍ଗଲ



ଉଚ୍ଚ ପାହାଡ଼
ବା ଉପତ୍ୟକା



ତୁମେ ଆମର ଯତ୍ନ ନିଅ



ଯେତେବେଳେ ଆମେ
ତୁମର ଯତ୍ନ ନେଉ!



ପ୍ରିୟ ପୃଥିବୀ!
ତୁମେ ଦୀର୍ଘଜୀବୀ ହୁଅ!

# ଟାଡା!

1

## ଭାବ

ଜଣେ ପ୍ରସିଦ୍ଧ ଲେଖକ ଥରେ କହିଥିଲେ, "ଯଦି ତୁମେ କେବଳ ସେହି ବହି ପଢୁଛ ଯାହା ଅନ୍ୟ ସମସ୍ତେ ପଢୁଛନ୍ତି, ତୁମ ମୁଣ୍ଡକୁ ସେମାନେ ଚିନ୍ତା କରୁଥିବା କଥା ବ୍ୟତୀତ ଅନ୍ୟ କିଛି ପଶିବ ନାହିଁ ।" ସେ ଠିକ୍ କହିଛନ୍ତି କି?

2

## ପଚାର

ଅଭେୟାର୍ ଲେଖିଥିବା ଏହି 25ଟି ଶବ୍ଦର କବିତାରୁ ତୁମେ କିଛି ନୂଆ କଥା ଶିଖିଲ କି? ଅଭେୟାରଙ୍କର କବିତାରୁ କିଛି ନୂଆ କଥା ଶିଖିଲ କି?

3

## ଆଲୋଚନା

ଆମର ପ୍ରିୟ ପୃଥିବୀକୁ ଖୁସି କରିବା ପାଇଁ ତୁମେ କ'ଣ କରିପାରିବ, ତେବେ ଏହା କ'ଣ ହେବ?

4

## ଅଭିନୟ କରି ଦେଖାଅ

ଗଛଗୁଡ଼ିକ ହେଉଛି ପୃଥିବୀ ମାତାର ସନ୍ତାନ । ସେ ଏହି ସବୁଜ ଶିଶୁମାନଙ୍କ ମାଧ୍ୟମରେ ଆମର ଯତ୍ନ ନିଏ । ତୁମେ ଗୋଟିଏ ଗଛର ଯତ୍ନ ନେଇ ପୃଥିବା ମାତାଙ୍କୁ "ଧନ୍ୟବାଦ!" ଦେଇପାରିବ କି?

5

## ଶିଖିଲ

ଅଭେୟାର୍ ଙ୍କ ଏହା ଆଉ ଏକ କବିତା:

ଆମର ପୁରୁଣା ପୃଥିବୀରେ
ଗୋଟିଏ ଦୟାଳୁ ପିଲା ଅଛି,
ତା' ପାଇଁ
ସମସ୍ତେ ବର୍ଷା ପାଇବେ ।

ତୁମେ ସେହି ଦୟାଳୁ ପିଲା ହୋଇପାରିବ କି ଯାହାପାଇଁ ସମସ୍ତେ ବର୍ଷାଜଳ ପାଇପାରିବେ?

**ପ୍ରକୃତରେ ଦୟାଳୁ ହେବାର କିଛି ସହଜ ଉପାୟ ବିଷୟରେ ଜାଣିବା ପାଇଁ ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ!**

# ଦୟାଳୁ ହେବାର
# ୯ ଟି ଉପାୟ

ମୁଁ ଦୟାଳୁ ହୋଇପାରେ ...

ଅନ୍ୟମାନଙ୍କୁ
ସାହାଯ୍ୟ କରି

ଅନ୍ୟମାନଙ୍କ
ଖୁସିରେ ଖୁସି ହୋଇ

ଅନ୍ୟମାନଙ୍କୁ
ଭଲ କଥା କହି

ସାଙ୍ଗମାନଙ୍କୁ
ଉତ୍ସାହିତ କରି

ଅନ୍ୟମାନଙ୍କର
ଯତ୍ନ ନେଇ

ସମସ୍ତଙ୍କୁ ଭଲ
ବ୍ୟବହାର ଦେଖାଇ

ଧୈର୍ଯ୍ୟ
ଧରି ଶୁଣି

ତାଙ୍କ ମୁହଁରେ
ହସ ଫୁଟାଇ

ଅନ୍ୟମାନଙ୍କ
ଦୁଃଖ ସୁଖର ସାଥୀ
ହୋଇ ଓ ମୋ ନିଜ
ପାଇଁ ଥିବା
କାର୍ଯ୍ୟ କରି




# ପଢ଼!
# ବୁଝ!
# ଆଲୋଚନା!

## ବହୁତ ଦିନ ପୂର୍ବେ ...

- ପ୍ରାୟ 2500 ବର୍ଷ ପୂର୍ବେ, ସମଗ୍ର ଦକ୍ଷିଣ ଭାରତକୁ ତାମିଲକମ୍ କୁହାଯାଉଥିଲା ।
- ତାମିଲକମ୍ ମହାନ, ଜ୍ଞାନୀ ରାଜାମାନଙ୍କ ଦ୍ୱାରା ଶାସିତ ହୋଇଥିଲା ।
- ସେମାନେ, ଗୀତ, କବିତା ଏବଂ ଚିତ୍ରକଳାକୁ ଭଲ ପାଉଥିଲେ ।
- ସେମାନେ ତାଙ୍କର ଲେଖା କବିତା ଓ ଗୀତକୁ ଉପଭୋଗ କରୁଥିଲେ ।

## ଯେତେବେଳେ ଚାରି ଶହ କବି ଗାଇଲେ...

- ଐତିହାସିକମାନେ କହନ୍ତି ଯେ ସେଠାରେ ତିନି ଗୋଷ୍ଠୀଙ୍କର ମିଳନ ଓ ସଙ୍ଗମ ହୋଇଥିଲା ।
- ଏହି ସଙ୍ଗମ କବିମାନଙ୍କର ମହାନ ସମାବେଶ ଭାବରେ ମଧ୍ୟ ଜଣାଶୁଣା ।
- ସଙ୍ଗମରେ ତାମିଲ କବିତା ଲେଖିଥିବା କବିଙ୍କ ସଂଖ୍ୟା ଚାରି ଶହ ।
- ରାଜା ଅନେକ କବିଙ୍କୁ ତାଙ୍କୁ ପରାମର୍ଶ ଦେବାପାଇଁ ନିମନ୍ତ୍ରଣ କରିଥିଲେ ।



## ସେଠାରେ ଅଭୈୟାର୍ ନାମକ ଜଣେ କବି ଥିଲେ ...

- ଅଭୈୟାର୍ ଜଣେ ଜ୍ଞାନୀ, ବୟସ୍କା ମହିଳା ଥିଲେ ।
- ସେ ଜଣେ କବି ।
- ସେ ଅନେକ ରାଜା ଏବଂ ସାଧାରଣ ଲୋକ, ଯେଉଁମାନେ ତାଙ୍କ କଥା ଶୁଣୁଥିଲେ ତାଙ୍କୁ ପରାମର୍ଶ ଦେଉଥିଲେ ।
- କେହି କେହି କୁହନ୍ତି ଅଭୈୟାର୍ 2300 ବର୍ଷ ପୂର୍ବେ ବଞ୍ଚିଥିଲେ ।
- ଅଭୈୟାର୍ ଦକ୍ଷିଣ ଭାରତର ଗାଁରୁ ଗାଁ ପର୍ଯ୍ୟନ୍ତ ଖାଲି ପାଦରେ ଚାଲିଥିଲେ ଅନେକ କାହାଣୀରେ ଲେଖା ଅଛି ।
- ସେ କୃଷକମାନଙ୍କ ପରିବାର ସହିତ ରହୁଥିଲେ ।
- ସେ ସମସ୍ତଙ୍କୁ ଖୁସି କରୁଥିବା ଗୀତ ରଚନା କରିଥିଲେ ।

## ଭଗବାନ କେଉଁଠାରେ ଅଛନ୍ତି?

ଅଭୈୟାର୍ ଏକ ପୁରୁଣା ମନ୍ଦିରରେ ବିଶ୍ରାମ ନେଉଥିଲେ । ତାଙ୍କ ପାଦ ଭଗବାନ ଶିବଙ୍କ ମୂର୍ତ୍ତି ଆଡ଼କୁ ଥିଲା । ଏହା ଦେଖି ଦେବୀ ପାର୍ବତୀ ରାଗିଗଲେ । ସେ ଅଭୈୟାର୍ ଙ୍କୁ ଗାଳି ଦେଲେ, "ତୁମେ ଭଗବାନଙ୍କୁ ସମ୍ମାନ ଦେବା ଶିଖିନାହଁ!" ଅଭୈୟାର୍ କିଛି ସମୟ ଚୁପ୍ ରହି କହିଲେ, "ମୁଁ ଦୁଃଖିତ, ମା' । ଭଗବାନ କେଉଁଠାରେ ନାହାଁନ୍ତି ଦୟାକରି ମୋତେ କୁହନ୍ତୁ । ମୁଁ ସେଆଡ଼କୁ ମୋର ପାଦ ରଖିବି।"

ଦେବୀ ପାର୍ବତୀ ହସିଲେ । ସେ କହିଲେ, "ତୁମେ ଠିକ୍ କହିଛ । ଭଗବାନ ସବୁଠାରେ ଅଛନ୍ତି! "

**ଉତ୍ସ: ନ୍ୟାସନାଲ୍ ଜିଓଗ୍ରାଫିକ୍, JSTOR ଉଇକିପିଡ଼ିଆ**

ଗୀତା ଧର୍ମରାଜନଙ୍କର ଜନ୍ମ ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାରେ । ସେ ପିଲାମାନଙ୍କ ପାଇଁ ବହି ଲେଖନ୍ତି, ସେ 1988 ରେ "କଥା" ନାମକ ଏକ ଅନୁଷ୍ଠାନ ଆରମ୍ଭ କଲେ । ସେ ଅନେକ ପୁରସ୍କାର ପାଇଛନ୍ତି, ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଛନ୍ତି ।

ମୁରଲୀ ନାଗାପୁଜା କେରଳର ନାଗାପୁଜା ନାମକ ଏକ ଗାଁରେ ବଢ଼ିଥିଲେ । ପିଲାଦିନେ ସେ ନିଜ ଘରର ଚାରିପାଖରେ ସବୁଜିମାକୁ ଭଲ ପାଉଥିଲେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ମୁରଲୀଙ୍କ ରଚନାଗୁଡ଼ିକରେ ପ୍ରଚୁର ସବୁଜିମା ଭରି ଅଛି ।

KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରିବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" - ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" - ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" - ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, - ପେପରଟାଇଗର୍ସ

## ଗୀତା ଧର୍ମରାଜନଙ୍କ ଦ୍ୱାରା ପିଲାମାନଙ୍କ ପାଇଁ ଅନୁବାଦିତ ଏହି ଗୀତର ଇଂରାଜୀ ପ୍ରତିପାଦନ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍ © କଥା, 2020, 2021
ଅନୁବାଦ କପିରାଇଟ୍ © ଗୀତା ଧର୍ମରାଜନ୍
ପେଣ୍ଟିଂ କପିରାଇଟ୍ © ମୁରଲୀ ନାଗାପୁଜା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ:** ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!

"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆପଣଙ୍କ ପିଲାମାନଙ୍କ ସହିତ ମିଶି ପଢ଼ନ୍ତୁ । ସେମାନଙ୍କର ଦୁନିଆକୁ କଳ୍ପନାର ରଙ୍ଗରେ ଭରି ଦିଅନ୍ତୁ ।

300 କୋଟି ଲୋକଙ୍କ ପାଖରେ ପହଞ୍ଚିବାର ଯୋଜନାରେ ସାମିଲ୍ ହୁଅନ୍ତୁ । ଏପରି ଏକ ଦୁନିଆ ତିଆରି କରନ୍ତୁ ଯେଉଁଠି ପିଲାମାନେ ପଢ଼ିବାରେ ଆନନ୍ଦ ଓ ନୂତନ ଅର୍ଥ ପାଆନ୍ତି । ଯୋଗ ଦେବାକୁ: 300m@katha.org, ସ୍ୱେଚ୍ଛାସେବୀ ହେବାକୁ: volunteer@katha.org

ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀ™ - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାଙ୍କୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର) ।

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

# ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ ଉପଲବ୍ଧ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ








































FOR OUR BOOKS

www.books.katha.org

"[କଥା] ... ଭାରତୀୟ ପ୍ରକାଶନ ଇତିହାସରେ ଏକ ବିଶେଷ ଏବଂ ଉଲ୍ଲେଖନୀୟ ମୁହୂର୍ତ୍ତ ।"
- ପ୍ରତିଷ୍ଠିତ ଦ ଇକୋନୋମି କ୍ଲାଇମ୍ସ

for children

a katha book

ISBN 978-93-88284-81-3

www.katha.org

₹ xxx